## ବାଲି ବୋଝେଇ ହାଇୱା ଜବତ

ବନ୍ତ,(ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥର ଜାମତୀରା ଛକଠାରେ ପୋଲିସ ଏକ ଚୋରା ବାଲି ବୋଝେଇ ହାଇୱା ଜବତ କରିଛି। ଉକ୍ତ ହାଇୱା ଆନନ୍ଦପୁରରୁ ବାଲି ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିଲା। ଚାଳକ ପାଖରେ ଆବଶ୍ୟକ କାଗଜପତ୍ର ନ ଥିବା କାରଣରୁ ପୋଲିସ ଗାଡ଼ି ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୭୪/୨୦) ରୁଜୁ ହୋଇଛି।

## ସଂକ୍ଷେପରେ

### ୫ ବଖରା ଜଳିଗଲା



ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୧୪। ୧୨(ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଓ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ଜଳିଯାଇଛି। ସୂଚନା ଅନୁଯାୟୀ, ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ନୂଆଶାସନ ଗାଁ ପଣ୍ଡାସାହିର କୈଳାସ ପଣ୍ଡାଙ୍କ ଘରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗି ୨ ବଖରା ପୋଡ଼ିଯାଇଛି। ଘରର ଆସବାବପତ୍ର, ଟଙ୍କା, ସୁନାଗହଣା ଜଳି ଯାଇଛି। ତିହିଡ଼ି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସରପଞ୍ଚ ପ୍ରଦୀପ ପଣ୍ଡା, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ତହସିଲଦାର ପ୍ରମୁଖ କ୍ଷତିଗ୍ରସ୍ତ ପରିବାରକୁ ପାଲ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି। ସେହିପରି ସୋମବାର ସନ୍ଧ୍ୟାରେ ଭଣ୍ଡାରିପୋଖରୀ ବ୍ଲକ ଦେଓପଦା ଗ୍ରାମ ମୋରଡ଼ା ଛକଠାରେ ଥିବା ଉଦୟନାଥ ଖଣ୍ଡାୟୀଙ୍କ ବଖରାଏ ଓ ଉତ୍ତମ ଖଣ୍ଡାୟୀଙ୍କ ୨ ବଖରା ଘର ଜଳି ଯାଇଛି। ଉଦୟନାଥ ଝିଅ ବିବାହ ପାଇଁ ଘରେ କିଣି ରଖିଥିବା ଜିନିଷ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡରେ ଉତ୍ତମ ମଧ ଆହତ ହୋଇଛନ୍ତି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପ୍ରକଳ୍ପ ନିର୍ଦ୍ଦେଶକ

ବନ୍ତ,୧୪।୧୨(ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ନିଲୋକ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି ଭଦ୍ରକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାଶ। ବିଭିନ୍ନ ଭତ୍ତା, ଆବାସ ଯୋଜନା, ସିଏଫ୍‌ସି, ଏସ୍‌ଏଫ୍‌ସି, ମହିଳା ସଶକ୍ତୀକରଣ ଯୋଜନାର ସମୀକ୍ଷା କରିବା ସହିତ ରେକର୍ଡପତ୍ର ଯାଞ୍ଚ କରିଥିଲେ। ସେହିପରି ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପ ଓ ନବନିର୍ମିତ କମ୍ୟୁନିଟି ଶୌଚାଳୟ ଆଦି ବୁଲି ଦେଖିଥିଲେ। ଏହି ପରିଦର୍ଶନ ବେଳେ ବିଡିଓ ରେବେକା ବିଲୁଙ୍ଗ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ସରପଞ୍ଚ ଅଶୋକ ମହାନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ରାଉତ ଓ ଜିଆର୍‌ଏସ୍ ପ୍ରଦୀପ ବିଶ୍ୱାଳ ଉପସ୍ଥିତ ଥିଲେ।

### ୨୭ ଗୋରୁ ଉଦ୍ଧାର, ୩ ଗିରଫ

ଆନନ୍ଦପୁର,୧୪। ୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ପୋଲିସ ସୋମବାର ଏକ ଗୋରୁ ଗାଡି ଜବତ କରିବା ସହିତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଗୋରୁ ଚାଲାଣ ସମ୍ପର୍କରେ ସୂଚନା ପାଇ ପୋଲିସ ସ୍ଥାନୀୟ ହସନପୁର ଟୋଲ ଗେଟ୍ ନିକଟରୁ ଗୋରୁ ଚାଲାଣ ଗାଡିକୁ ଜବତ କରିଥିଲା। ଗାଡ଼ିରେ ଥିବା ୨୭ ଗୋରୁ ଉଦ୍ଧାର ହୋଇଥିବାବେଳେ ଚାଲାଣ ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇ ପଶ୍ଚିମବଙ୍ଗର ପରଭେଜ୍ ଖାନ୍, ଭଦ୍ରକର ହାକିମୁଦ୍ଦିନ୍ ସାହା ଏବଂ ନସିମ୍ ଖାନ୍‌ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ୧୫ବର୍ଷ ହେଲା ଥଇଥାନକୁ ଅପେକ୍ଷା

### ବିଧାୟିକାଙ୍କୁ ଦେଲେ ଅଭିଯୋଗପତ୍ର

ଯୋଡା,୧୪।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ବାସୁଦେବପୁରଠାରେ ନିର୍ମାଣାଧୀନ କାନପୁର ବୃହତ୍ତ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା ଅଞ୍ଚଳବାସୀଙ୍କ ଉପରେ ପ୍ରଶାସନର ଅନ୍ୟାୟ ଅତ୍ୟାଚାର ବିରୋଧରେ ରବିବାର ଚମ୍ପୁଆ ବିଧାୟିକାଙ୍କୁ ଲିଖିତ ଭାବେ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଆଜକୁ ୩୦ବର୍ଷରୁ ଉର୍ଦ୍ଧ୍ୱ ହେବ ରାଜ୍ୟ ସରକାରଙ୍କ ପକ୍ଷରୁ ବାସୁଦେବପୁରଠାରେ ଓଡ଼ିଶାର ଦ୍ୱିତୀୟ ବୃହତ୍ତ ନଦୀବନ୍ଧ ଯୋଜନା ନିର୍ମାଣ ନିଷ୍ପତ୍ତି ନିଆଯାଇ କାର୍ଯ୍ୟ ଆରମ୍ଭ କରାଯାଇଛି। ଯୋଡ଼ା ବ୍ଲକ ଅଧୀନ ୩ଟି ପଞ୍ଚାୟତ ଯଥା- ଚମକପୁର, କଣ୍ଡରା ଓ ବିରକଳାର ୧୬ ଗୋଟି ଗ୍ରାମର ବାସିନ୍ଦା ଏହି ପ୍ରକଳ୍ପ



ବିସ୍ଥାପିତ ଅଞ୍ଚଳବାସୀ ଚମ୍ପୁଆ ବିଧାୟିକାଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି।

ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ଦୀର୍ଘ ୧୫ବର୍ଷ ବିତିଯାଇଥିଲେ ମଧ ଜିଲା ପ୍ରଶାସନ ବିସ୍ଥାପିତ ଅଞ୍ଚଳବାସୀଙ୍କୁ ଥଇଥାନ କରିପାରିନାହିଁ । ପ୍ରଶାସନ ବଳପୂର୍ବକ ବସବାସ କରି ରହୁଥିବା ଲୋକମାନଙ୍କର ଘରଦ୍ୱାରକୁ ଉଚ୍ଛେଦ କରିବାକୁ ଉଦ୍ୟମ ଆରମ୍ଭ କରିଛି। ବାରମ୍ବାର ଉକ୍ତ ଅଞ୍ଚଳବାସୀ ନିଜର ମୌଳିକ ସୁବିଧା ପାଇଁ ଜିଲା ପ୍ରଶାସନକୁ ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ, ସେମାନଙ୍କୁ କୌଣସି ସୁଫଳ ମିଳିପାରି ନାହିଁ। ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବତୀଯୁବକମାନଙ୍କୁ ଅତିରିକ୍ତ ବିସ୍ଥାପିତ ସହାୟତା ରାଶି ପ୍ରଦାନ କରାଯାଇନାହିଁ । ପୁନର୍ବାସ ସ୍ଥାନରେ ବିସ୍ଥାପିତଙ୍କ ପାଇଁ ମଶାଣି, ତୁଠପାଟ, ଖେଳ ପଡିଆ, କ୍ଲବ୍ ଘର, ବିଦ୍ୟାଳୟ, ଚିକିତ୍ସାଳୟ, ପାନୀୟଜଳର ସୁବିଧା ଆଦି ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇନାହିଁ। ଏପରିକି ବିସ୍ଥାପିତ ଅଞ୍ଚଳରେ ଆଦିବାସୀଙ୍କ ଧର୍ମ ଓ ସଂସ୍କୃତିକୁ ପଦାଘାତ କରି ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ଜାରି କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ସମ୍ବିଧାନରେ ଧର୍ମ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ସାମ୍ବିଧାନିକ ବ୍ୟବସ୍ଥା ଥିବା ସତ୍ତ୍ୱେ ମଧ ପ୍ରଶାସନ ଜୋର୍ ଜବରଦସ୍ତ ଉଚ୍ଛେଦ ପ୍ରକ୍ରିୟା ଜାରି ରଖିଥିବା ଚମକପୁର ପଞ୍ଚାୟତ ସରପଞ୍ଚ ନରହରି ନାଏକ, ନାଏବ ସରପଞ୍ଚ ଯଶୋଦା ନାଏକ, ହରେକୃଷ୍ଣ ପାତ୍ର ପ୍ରମୁଖ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# କୃଷି ଆଇନ୍ ପ୍ରତ୍ୟାହାର ଦାବିରେ କଂଗ୍ରେସର ବିକ୍ଷୋଭ




ଆନ୍ଦୋଳନରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସାମିଲ ହୋଇଛନ୍ତି।

କେନ୍ଦୁଝର, ୧୪।୧୨ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ତିନୋଟି କୃଷି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ କଂଗ୍ରେସ ଦଳ ସମେତ ନବ ନିର୍ମାଣ କୃଷକ ସଂଗଠନ, ଓଡିଶା କୃଷକ ସଭା, ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ସମେତ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କଂଗ୍ରେସ ଜିଲା ସଭାପତି ବିପ୍ଳବ ମିଶ୍ରଙ୍କ ନେତୃତ୍ୱରେ ଦଳୀୟ ନେତା ମାନେ ବିକ୍ଷୋଭରେ ସାମିଲ ହୋଇ ବିରୋଧ ପ୍ରଦର୍ଶନ କରିଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ଆନ୍ଦୋଳନରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଚାଷୀ ବିରୋଧୀ ଆଇନ କୁ କଡା ସମାଲୋଚନା କରିଥିଲେ। ଏହି ଆଇନ କୃଷକ ମାନଙ୍କ ବିରୋଧୀ ଏବଂ ଏହାକୁ ପ୍ରତ୍ୟାହାର କରି ଜିଲାରେ ଧାନ ମଣ୍ଡି ସୁପରିଚାଳନା କରାଯାଉ ବୋଲି ଚାଷୀ ନେତା ମାନେ କହିଛନ୍ତି। ଚାଷୀ ମାନେ ଧାନ ମଣ୍ଡିରେ ଧାନ ବିକିବେ। ଚାଷୀ ମାନଙ୍କୁ ହାତୀ ଉପଦ୍ରବରୁ ରକ୍ଷା କରିବା ସହ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ନେତା ଲକ୍ଷ୍ମୀଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।

# ପୌରପାଳିକା କାର୍ଯ୍ୟାଳୟ ଘେରାଉ



ବାସୁଦେବପୁର ପୌରପାଳିକା ଅଫିସ ସାମ୍ନାରେ ଧାରଣାରେ ବସିଛନ୍ତି କଂଗ୍ରେସ କର୍ମକର୍ତ୍ତା।

ବାସୁଦେବପୁର, ୧୪।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ନଗର ଓ ବ୍ଲକ କଂଗ୍ରେସର ମିଳିତ ସହଯୋଗରେ ୧୨ଦଫା ଦାବି ପୂରଣ ନେଇ ସୋମବାର ପୌରପାଳିକା କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। କଂଗ୍ରେସ କର୍ମୀ ଓ ସମର୍ଥକମାନେ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ରାଶନକାର୍ଡ ପ୍ରଦାନ, ଷ୍ଟ୍ରିଟ୍ ଲାଇଟ ମରାମତି ଓ ସମସ୍ତ ୨୩ ୱାର୍ଡରେ ଡ୍ରେନ ପରିଷ୍କାର, ସହର ମଧ୍ୟରେ ଆବଶ୍ୟକ ସ୍ଥାୟୀ ଶୌଚାଳୟ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟରେ ଲାଞ୍ଚ କାରବାର ବନ୍ଦ, ଏହି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବହିଷ୍କାର କରି ନୂତନ କର୍ମଚାରୀଙ୍କୁ ଦାୟିତ୍ୱ ଦେବା ଆଦି ଦାବି ରହିଛି।

ପୌରପାଳିକା କର୍ମଚାରୀମାନେ ବିଭିନ୍ନ ସମୟରେ କାର୍ଯ୍ୟରେ ଅନୁପସ୍ଥିତ ରହୁଥିବା ଅଭିଯୋଗ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଦାବି କରିଛି। ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥନ ଟାଉନହଲଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ପୌରପାଳିକା ଅଫିସ୍ ସାମ୍ନାରେ ଧାରଣାରେ ବସିଥିଲେ। ପୂର୍ବତନ ଜିଲା କଂଗ୍ରେସ ସଭାପତି ତଥା ନିର୍ବାଚନମଣ୍ଡଳୀ ନେତା ଅଶୋକ ଦାସ, ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ନଗର କଂଗ୍ରେସ ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ପୂର୍ବତନ କାଉନସିଲର ତୋହିଦ ଖାଁ, ଗଙ୍ଗାଧର ବାରିକ, ପ୍ରବୋଧ ଦାସ, ସରପଞ୍ଚ ମଞ୍ଜୁଲତା ପଣ୍ଡା, ରତ୍ନାକର ମଲିକ, ଯୁବ କଂଗ୍ରେସ ସଭାପତି ରାକେଶ ମହାନ୍ତି, ଉପସଭାପତି ସୁବ୍ରତ ବେହୁରା, ଗୌରାଙ୍ଗ ପଣ୍ଡା, ମହିଳା କଂଗ୍ରେସ ରାଜ୍ୟ ସମ୍ପାଦିକା ରୀନା ସ୍ୱାଇଁ, ଜୋନ୍ ସଭାପତି ନରେନ୍ଦ୍ର ସ୍ୱାଇଁ ପ୍ରମୁଖ ଧାରଣାରେ ସାମିଲ ଥିଲେ। ଦଳ ପକ୍ଷରୁ ଏକ ଦାବିପତ୍ର ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା।

## ମେଡିକାଲ କଲେଜ ଦାବିରେ ଶୋଭାଯାତ୍ରା

ଭଦ୍ରକ ଅଫିସ,୧୪।୧୨

ଭଦ୍ରକ ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଦିନକୁ ଦିନ ଜୋର ଧରିବାରେ ଲାଗିଛି। କଂଗ୍ରେସ ପରେ ଏବେ ଭାଜପା ମଧ ଏହି ଦାବିରେ ରାଜରାସ୍ତାକୁ ଓହ୍ଲାଇଛି। ଭଦ୍ରକ ଜିଲା ଭାଜପା ପକ୍ଷରୁ ସୋମବାର ଶତାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲା ସଭାପତି ହେମନ୍ତ ପାଢ଼ୀ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବିରୋଧୀ ଦଳ ଉପନେତା ତଥା ବିଧାୟକ ବିଷ୍ଣୁ ସେଠୀ, ଡ. ପ୍ରଦୀପ ନାୟକ, ବଦ୍ରିନାରାୟଣ ଧଳ, ହରପ୍ରିୟା ସାହୁ ପ୍ରମୁଖ ଧାରଣାରେ ସାମିଲ ଥିଲେ। ଆଗାମୀ ଦିନରେ ସମାନ ଦାବି ନେଇ ପ୍ରତ୍ୟେକ ବ୍ଲକରେ ଭାଜପା ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

## ୨ ଚୋରା ମଦ ବେପାରୀ ଗିରଫ

ବାରିପଦା ଅଫିସ,୧୪।୧୨

ମୟୂରଭଞ୍ଜ ଜିଲା ବେତନଟୀ ଅବକାରୀ ଓ ମୋବାଇଲଟିମ ମିଳିତ ଚଢାଉ କରି ବ୍ୟାପକ ପରିମାଣର ମହୁଲପୋଚ, ଦେଶୀ ମଦ ଓ ରନ୍ଧା ସରଞ୍ଜାମକୁ ଜବତ କରିଛି । ଏହା ସହିତ ଚୋରା ମଦ କାରବାରରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବଡ଼ସାହି ଥାନା ଅଧୀନ ମାର୍କୁଣ୍ଡି ଗ୍ରାମ ରମାକାନ୍ତ ବେହେରା(୩୩) ଓ ଯାତ୍ରୀମଣି ବେହେରା(୫୫)। ସେହିପରି ମାର୍କୁଣ୍ଡି ଗ୍ରାମ୍ୟପୋଖରୀ ଏବଂ ଚହଲାପଦା ନାଳ ପାର୍ଶ୍ୱରେ ମଦପ୍ରସ୍ତୁତ ନିମନ୍ତେ ଗଚ୍ଛିତ ରଖାଯାଇଥିବା ୨୬୬୦କିଲୋଗ୍ରାମ ମହୁଲପୋଚ ନଷ୍ଟ କରିବା ସହିତ ୩୫ଲିଟର ଦେଶିମଦ ସମେତ ୮ଗୋଟି ଆଲୁମିନିୟମ ଡେକ୍‌ଚି ଓ ୧୧ଟି ପ୍ଲାଷ୍ଟିକ୍ ଡ୍ରମକୁ ଟିମ୍ ଜବତ କରିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବାରିପଦା ଅଫିସ,୧୪।୧୨

ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ନୂଆ କୃଷି ଆଇନ ଏବଂ ଜନବିରୋଧୀ ବିଦ୍ୟୁତ୍ ବିଲକୁ ରଦ୍ଦ କରିବା ପାଇଁ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପୂର୍ବତନ ବିଧାୟକ ଶମ୍ଭୁନାଥ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି କୃଷକ ମାରଣ ନୀତିକୁ ତୀବ୍ର ବିରୋଧ କରିବା ସହିତ ବାତିଲ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ରାଜ୍ୟ ସହସମ୍ପାଦକ ଡା. ପ୍ରଶାନ୍ତ ମିଶ୍ର, ଜିଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ସିପିଏମର ଅମଳ ଦେ, ରବି ଗୋସ୍ୱାମୀ, ଏସୟୁସିଆଇର ପୀତାମ୍ବର ନାଏକ, ତରୁଣ ପାତ୍ର, ନନ୍ଦକୁମାର ମହାପାତ୍ର, କଂଗ୍ରେସର ହେମନ୍ତ ଦାସ, ନୀରୋଜ ଦାଶ ପ୍ରମୁଖ ଉପସ୍ଥିତ ଥିବାବେଳେ ଶ୍ରୀକାନ୍ତ ସାମଲ, ନଳିନୀ କୁମାର ଦାସ, ରଘୁନାଥ ପଣ୍ଡା, ରଥ ସିଂ, ଚୈତନ୍ୟ ପୂର୍ତ୍ତି, ଗୌତମ ନାଏକ, ରବୀନ୍ଦ୍ର ମହାନ୍ତ ପ୍ରମୁଖ ଗଣଧାରଣାର ନେତୃତ୍ୱ ନେଇଥିଲେ ।



ଗଣଧାରଣାରେ ସାମିଲ ହୋଇଥିବାମହିଳା ପୁରୁଷ ।

# ପୁଅକୁ ମାରିଦେବାର ଧମକ ଦେଇ ମା'ଙ୍କ ଠାରୁ ଲୁଟ

ବାରିପଦା ଅଫିସ,୧୪।୧୨

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବଡ଼ସାହି-ମାଣତ୍ରୀ ରାସ୍ତାର କୁରାଡ଼ିହା ଫାର୍ମହାଉସ ନିକଟରେ ୨ବର୍ଷର ଶିଶୁପୁତ୍ରଙ୍କୁ ମାରିଦେବାର ଧମକ ଦେଇ ମା'ଙ୍କ ବେକରୁ ସୋମବାର ଲୁଟେରା ସୁନା ଚେନ ଲୁଟି ନେଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୧୬୧/୨୦)ରେ ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ବୀଣାପାଣି ପରିଡ଼ାଙ୍କ ଓ ତାଙ୍କ ବଡ଼ ଭଉଣୀ ସ୍କୁଟିରେ ୨ବର୍ଷର ଶିଶୁପୁତ୍ରଙ୍କୁ ଧରି ଘରକୁ ଫେରୁଥିଲେ। ବଡ଼ସାହି-ମାଣତ୍ରୀ ରାସ୍ତାରେ ୨ ଲୁଟେରା ସେମାନଙ୍କୁ ଅଟକାଇ ସୁନା ଗହଣା ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ଏହାର ପ୍ରତିବାଦ କରିବାରୁ ଲୁଟେରାଦ୍ୱୟ ସେମାନଙ୍କଠାରୁ ଶିଶୁପୁତ୍ରଙ୍କୁ ଛଡ଼ାଇ ନେଇ ତଣ୍ଟି ଚିପି ମାରିଦେବାକୁ ଧମକ ଦେଇଥିଲେ। ଭୟରେ ଦୁଇ ଦୁଇଭଉଣୀ ସେମାନଙ୍କ ସୁନା ଗହଣା ଦେବା ପରେ ଲୁଟେରା ଦ୍ୱୟ ସେଠାରୁ ଫେରାର ହୋଇ ଯାଇଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ବେଳେ ଲୁଟେରାଙ୍କ ପତ୍ତା ପାଇ ପାରିନାହିଁ।

# ସ୍ୱୟଂସହାୟକ ଗୋଷ୍ଠୀର ଧାନକିଣାକୁ ବିରୋଧ

ପଦ୍ମପୁର,୧୪।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିନାୟକପୁର ପଞ୍ଚାୟତର ଚାଷୀମାନେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ଧାନକିଣାକୁ ବିରୋଧ କରିଛନ୍ତି। ଏ ନେଇ ସେମାନେ ବିଡିଓ, ତହସିଲଦାର, ବାସୁଦେବପୁର ଥାନାଧିକାରୀ, ଜିଲା ଯୋଗାଣ ବିଭାଗ, ଏଆର୍‌ସିଏସ୍ ଓ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିନାୟକପୁର ସେବା ସମବାୟ ସମିତି ଉପରେ ୧୫୦୦ରୁ ଉର୍ଦ୍ଧ୍ୱ ଚାଷୀ ନିର୍ଭର କରିଥାନ୍ତି। ସମିତିରୁ ବିହନ ନେବାଠାରୁ ଆରମ୍ଭ କରି ଋଣ ନେଇ ଚାଷ କରିଥାନ୍ତି। ଚଳିତବର୍ଷ ଏହି ସମିତି ଧାନ ନ କିଣି ଅଞ୍ଚଳର ମହିଳା ମହାସଂଘ ଧାନ କିଣିବ ବୋଲି ଜଣାପଡ଼ିଛି। ଏହାକୁ ଚାଷୀମାନେ ବିରୋଧ କରିବା ସହ ସଂଘ ଧାନ କିଣିଲେ ସେମାନେ ଠିକ୍ ସମୟରେ ଟଙ୍କା ପାଇବେ ନାହିଁ କିମ୍ବା ସମିତିରେ ଋଣ ପୈଠ କରିପାରିବେ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଜିଲା ଯୋଗାଣ ବିଭାଗ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ସମିତିକୁ ଧାନ କିଣିବା ପାଇଁ ନିର୍ଦ୍ଦେଶ ନ ଦେଲେ ସେମାନେ ସମିତିରେ ତାଲା ପକାଇବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ମୁଖ୍ୟ ନାଳ ଉପରେ ବେଆଇନ ଗୃହ ନିର୍ମାଣ ବନ୍ଦ ଦାବି

ଭଦ୍ରକ ଅଫିସ,୧୪।୧୨

ଭଦ୍ରକ ସହରର ଜଳ ନିଷ୍କାସନ ପାଇଁ ବ୍ୟବହାର ହୋଇ ଆସୁଥିବା ମୁଖ୍ୟନାଳ (ଘୋଷରା) ଉପରେ କଚେରି ବଜାର ପରିବା ମାର୍କେଟ ନିକଟରେ ପୁରୁଣା ସୁଲଭ ଶୌଚାଳୟର ଉତ୍ତରକୁ ନାଳ ଅବରୋଧ କରି ବେଆଇନ ଭାବେ ଏକ ଗୃହ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ନାଳ ବାଗୁରାଇଠାରୁ ବାହାରି ବନ୍ତ ଛକଠାରେ ଜାତୀୟ ରାଜପଥକୁ ଅତିକ୍ରମ କରି ସାଳନ୍ଦୀ ନଦୀ ସହିତ ମହିଳା ମହାବିଦ୍ୟାଳୟ ନିକଟରେ ମିଶିଛି। ଉପର ବାଗୁରାଇ, ମଣିସାହି ଓ ଡିଆର୍‌ଡିଏ ଅଫିସଠାରୁ ବନ୍ତ ଛକ ମଧ୍ୟରେ ନିର୍ମିତ କଲୋନୀ, ନେହେରୁ ଷ୍ଟାଡିୟମ ଓ ବୁଦ୍ଧନଗରରୁ କଚେରି ବଜାର ଅଞ୍ଚଳର ସମସ୍ତ ଉଦ୍‌ବୃତ୍ତ ବର୍ଷାଜଳ ଉକ୍ତ ନାଳ ଦେଇ ପ୍ରବାହିତ ହୋଇଥାଏ। କେତେକ ସ୍ଥାନରେ ନାଳ ସଙ୍କୁଚିତ ହୋଇଥିବାରୁ ତାହାଦ୍ୱାରା ବିଭିନ୍ନ ଜନବସତିରେ ରାସ୍ତାଘାଟ ବୁଡ଼ିବା ସହ ଘରେ ପାଣି ପଶିବା ଆଦି ବିଭିନ୍ନ ସମସ୍ୟା ବର୍ଷା ଦିନେ ସୃଷ୍ଟି ହୋଇଥାଏ। ଉକ୍ତ ନାଳକୁ ଅବରୋଧ କରି ବେଆଇନ ଗୃହ ନିର୍ମାଣକୁ ଭଦ୍ରକ ଜିଲା ନାଗରିକ ସମାଜ ବିରୋଧ କରିଛି। ଏହି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ସଙ୍ଗଠନ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ପ୍ରାୟ ଦୁଇବର୍ଷ ତଳେ ନାଳକୁ ଅବରୋଧମୁକ୍ତ କରିବା ଓ ସହରର ବିଭିନ୍ନ ନାଳକୁ ପରିଷ୍କାର କରିବା ନେଇ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏଯାଏ ଉକ୍ତ ନାଳର କୌଣସି ଉନ୍ନତି କରାଯାଇ ନାହିଁ। ଅପରପକ୍ଷରେ ଏହାକୁ ସଙ୍କୁଚିତ କରିବା ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହା ସମ୍ପୂର୍ଣ୍ଣ ଦୂରଦୃଷ୍ଟି ବିହୀନ ଓ ଭବିଷ୍ୟତରେ ଭଦ୍ରକ ସହର ପ୍ରତି ବିପଦ ସୃଷ୍ଟି କରିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ତୁରନ୍ତ ଗୃହ ନିର୍ମାଣ ବନ୍ଦ କରାଯିବାକୁ ସଭାପତି ଶାନ୍ତନୁ ରାଉତ, ସମ୍ପାଦକ ଆଇନଜୀବୀ ତୁଷାରକାନ୍ତି ମହାନ୍ତି, ବୈଷୟିକ କମିଟି ଅଧ୍ୟକ୍ଷ ଇଂ. ଅଖିଳ ମୋହନ ପାଢ଼ୀ, ସଦସ୍ୟ ଇଂ. ହରିଶ ଦାସ, ଡା. ହରେକୃଷ୍ଣ ନାୟକ, ଏସ୍ ଏମ୍ ଫାରୁକ, ଲଲାଟେନ୍ଦୁ ମହାନ୍ତି, ଆଇନଜୀବୀ ଦିବ୍ୟସିଂହ ନାୟକ ପ୍ରମୁଖ ଦାବି କରିଛନ୍ତି।



ନାଳ ଉପରେ ନିର୍ମାଣାଧୀନ ଗୃହ।

# ଚାନ୍ଦବାଲିର ପର୍ଯ୍ୟଟନ ବିକାଶ ପାଇଁ କ୍ଷେତ୍ର ପରିଦର୍ଶନ

ଚାନ୍ଦବାଲି,୧୪।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ସହରର ପର୍ଯ୍ୟଟନ ବିକାଶ ପାଇଁ ଏକ ପ୍ରତିନିଧି ଦଳ ସୋମବାର ସକାଳେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ବିଶ୍ୱ ସ୍ତରରେ ଚାନ୍ଦବାଲିର ପର୍ଯ୍ୟଟନକୁ ପରିଚିତ କରାଇବା ନେଇ ପ୍ରତିନିଧି ଦଳ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଭଦ୍ରକ ଜିଲାପାଳ ଜ୍ଞାନ ରଞ୍ଜନ ଦାଶ, ଜଳ ସମ୍ପଦ ଓ ପୂର୍ତ୍ତ ବିଭାଗର କେତେକ ଯନ୍ତ୍ରୀ ପ୍ରମୁଖ ଚାନ୍ଦବାଲି ସହର ନିକଟ ବୈତରଣୀ ନଦୀ କୂଳ ପରିଦର୍ଶନ କରିଛନ୍ତି। ଚାନ୍ଦବାଲି ପର୍ଯ୍ୟଟନର ବିକାଶ ପାଇଁ ପ୍ରଚୁର ସୁଯୋଗ ରହିଥିବା ବେଳେ ପ୍ରାୟ ୧୫ କୋଟି ଟଙ୍କା ବ୍ୟୟବରାଦରେ ବୈତରଣୀ ନଦୀର ବିଜୁ ସେତୁ ନିକଟରୁ ଶାସ୍ତ୍ରୀଘାଟ ପର୍ଯ୍ୟନ୍ତ ନଦୀତଟ ସୁଦୃଢ଼ୀକରଣ ପାଇଁ ପଥରପ୍ୟାକିଂ ସହିତ



ପ୍ରତିନିଧି ଦଳ ବୈତରଣୀ ନଦୀ କୂଳକୁ କ୍ଷେତ୍ର ପରିଦର୍ଶନ ପାଇଁ ଯାଉଛନ୍ତି।

ସୌନ୍ଦର୍ଯ୍ୟକରଣର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି।

ନଦୀକୂଳରେ ନିର୍ମାଣାଧୀନ ନୂତନ ବସ୍‌ଷ୍ଟାଣ୍ଡର କାର୍ଯ୍ୟ ପୂର୍ଣ୍ଣାଙ୍ଗ ଓ ଏକ ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଥିବା ସୂଚନା ଦିଆଯାଇଛି। ତେବେ ଏଠାରେ ଉନ୍ନତୀକରଣ ଲାଗି ମାଷ୍ଟରପ୍ଲାନ କରାଯାଇଛି। ପ୍ରକାଶ ଥାଉକି, ଚାନ୍ଦବାଲି ଏକ ପ୍ରାଚୀନ ବନ୍ଦର ନଗରୀ ଓ ପ୍ରାଚୀନ ଉତ୍କଳର ପ୍ରବେଶ ଦ୍ୱାର ଭାବେ ପ୍ରସିଦ୍ଧ। ଏଠାରୁ ଜଳପଥରେ ବୋଟ୍ ଯୋଗେ ବିଶ୍ୱପ୍ରସିଦ୍ଧ ଭିତରକନିକା ଅଭୟାରଣ୍ୟକୁ ଯିବାକୁ ବ୍ୟବସ୍ଥା ରହିଛି। ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ଏହାର ଗୁରୁତ୍ୱ ବୃଦ୍ଧି ପାଇଁ ବିଭିନ୍ନ ସମୟରେ ପ୍ରସ୍ତାବମାନ ଦିଆଯାଇଥିଲେ ମଧ ଆଖିଦୃଶିଆ ଉନ୍ନତି ସମ୍ଭବ ହୋଇପାରି ନାହିଁ। ଏଠାରେ ଇକୋ ଟୁରିଜିମର ଭିତ୍ତିଭୂମି ମଧ ରହିଛି। ଚାନ୍ଦବାଲି ପର୍ଯ୍ୟଟନର ବିକାଶ ହେଲେ ପର୍ଯ୍ୟଟକମାନେ କମ୍ ସମୟରେ ଚାନ୍ଦବାଲି ସହିତ ପଡ଼ୋଶୀ କେନ୍ଦ୍ରାପଡ଼ା, ଯାଜପୁର ଓ ବାଲେଶ୍ୱର ଜିଲାର ବିଭିନ୍ନ ଦର୍ଶନୀୟ ସ୍ଥାନ ମଧ ବୁଲି ଦେଖିପାରିବେ। ପ୍ରତିନିଧି ଦଳଙ୍କ ଗସ୍ତ ଓ ପରିଦର୍ଶନ ବେଳେ ବିଜେଡି ନେତା ଜଗନ୍ନାଥ ସ୍ୱାଇଁ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅଶୋକ ବଳ, ବିବେକାନନ୍ଦ ଦୀକ୍ଷିତ, ସତ୍ୟବୀର ପ୍ରତାପ ରାୟ, ପ୍ରିନ୍ସ ରାକେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା

ବାରିପଦା ଅଫିସ: ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅନ୍ତର୍ଗତ ଖୁଣ୍ଟା ଗ୍ରାମର ସର୍ବେଶ୍ୱର ମହାକୁଡ଼ଙ୍କ ୫ବଖରା ଘର ସୋମବାର ଅପରାହ୍ନରେ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। ନିଆଁ ଲାଗିବା ସମୟରେ ଗ୍ୟାସ ଟାଙ୍କି ଫାଟିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ସ୍ଥାନୀୟ ସରପଞ୍ଚ ବାସନ୍ତୀ ମାଝି ପହଞ୍ଚି ରାଜସ୍ୱ ନିରୀକ୍ଷକଙ୍କୁ ଡାକି ତଦନ୍ତ କରାଇଛନ୍ତି। ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଟଙ୍କା ନ ଦେଲେ ଭିଡିଓ ଭାଇରାଲ ଧମକ: ଦମ୍ପତି ଗିରଫ

ପାଟଣା,୧୪।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ଗ୍ରାମର ଦମ୍ପତିଙ୍କୁ ସୋମବାର ପାଟଣା ପୋଲିସ ଜଣେ ବିବାହିତା ମହିଳାଙ୍କୁ ବ୍ଲାକ୍‌ମେଲିଙ୍ଗ କରୁଥିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦମ୍ପତି ହେଲେ ତପନ କୁମାର ବେଜ ଓ ତାଙ୍କ ସ୍ତ୍ରୀ ଅଙ୍କିତା। ସୂଚନା ଅନୁଯାୟୀ ପାଟଣା ଥାନା ଟାଙ୍ଗରପଡା ଅଞ୍ଚଳର ଜଣେ ମହିଳାଙ୍କୁ ତପନ ପ୍ରେମ କରିବା ପରେ ତାଙ୍କ ସହ ବନ୍ଧୁତା କରିଥିଲେ। ସମୟକ୍ରମେ ଫୋନ ମାଧମରେ ଫଟୋ ଓ ଭିଡିଓ ନେଇଥିଲେ। ଦେଢ଼ ଲକ୍ଷ ଟଙ୍କା ନ ଦେଲେ ତାଙ୍କ ପାଖରେ ଥିବା ଫଟୋ ଆଉ ଭିଡିଓ ଏଡିଟ କରି ଭାଇରାଲ କରିବା ପାଇଁ ସମ୍ପୃକ୍ତ ମହିଳାଙ୍କୁ ଏହି ଦମ୍ପତି ବ୍ଲାକମେଲିଙ୍ଗ କରୁଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପାଟଣା ପୋଲିସ ଏକ ମାମଲା (ନଂ.୧୮୪/୨୦) ରୁଜୁ କରି ଉଭୟ ଦମ୍ପତିଙ୍କୁ ଗିରଫ କରିବାସହ ୨ଟି ସ୍ମାର୍ଟ ଫୋନକୁ ଜବତ କରି ତଦନ୍ତ ଜାରି ରଖିଛି।

### ବିଧାୟିକାଙ୍କ ଦ୍ୱାରା ୪ ଚିକିତ୍ସା ୟୁନିଟ୍ ଉଦ୍‌ଘାଟିତ

ଚମ୍ପୁଆ, ୧୪।୧୨(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ଦ୍ୱାରା ସୋମବାର ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ୩ ଗୋଟି ଚିକିତ୍ସା ୟୁନିଟ ସହ ଯୋଡ଼ା ଟ୍ରକ ଆସୋସିଏଶନ ପକ୍ଷରୁ ଓଡିଶା ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇଥିବା ୧୦୦ ୟୁନିଟ୍ ରକ୍ତ ସଂରକ୍ଷଣ ଫ୍ରିଜକୁ ଶୁଭାରମ୍ଭ କରିଛନ୍ତି। ସୋମବାର ଅପରାହ୍ନରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ନୂତନ ଭାବେ ଖୋଲାଯାଇଥିବା ଅଲଟ୍ରାସାଉଣ୍ଡ ୟୁନିଟ, ଇସିଜି ୟୁନିଟ ଓ କ୍ରିଟିକାଲ କେୟାର ୟୁନିଟକୁ ରୋଗୀ ସେବା ପାଇଁ ଉତ୍ସର୍ଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସାଧିକାରୀ ଉମାକାନ୍ତ ସାହୁ, ଡା ଯୋଗେନ୍ଦ୍ର ନାଥ ଆଧିଆ, ଡା ସୁନାରାମ ମୁର୍ମୁ, ଡା ଜ୍ୟୋତିରଂଜନ ମଲ୍ଲିକ, ଡା ଧର୍ମପଦ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯୋଡ଼ା ଟ୍ରକ ମାଲିକ ସଂଘ ପକ୍ଷରୁ ଯୁଗ୍ମ ସମ୍ପାଦକ ଜୟନ୍ତ ବେହେରା, ଚିତ୍ତରଞ୍ଜନ ମହାନ୍ତଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

### ମହିଳାଙ୍କ ମୃତଦେହ ଜବତ

ପାଟଣା,୧୪।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଉପାନ୍ତ ଅଞ୍ଚଳ ପଲାଶଘାଟି ପଞ୍ଚାୟତ କୁମୁଲା ବାହାଲି ଦେହୁରୀ ସାହିର ଶୋଇବା ଘର ଭିତରୁ ସୋମବାର ସକାଳୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଝୁଲଣା ପାତ୍ର। ରବିବାର ରାତିରେ ସମସ୍ତେ ଖାଇ ଶୋଇବାକୁ ଚାଲିଯିବାପରେ ସେ କବାଟ ଭିତର ଆଡୁ ବନ୍ଦ କରି ପିନ୍ଧା ଲୁଗାରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ପରିବାର ଲୋକ କହିଛନ୍ତି। ତେବେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ।

# କ୍ୟାନ୍‌ସର ପୀଡ଼ିତଙ୍କ ପାଇଁ କେଶ ଦାନ

■ଚର୍ଚ୍ଚାରେ କଲେଜ ଛାତ୍ରୀ
■ଚକ୍ଷୁ ଦାନ ବି କରିବେ

ବାରିପଦା ଅଫିସ,୧୪।୧୨

ଶରୀରର ପ୍ରତ୍ୟେକଟି ଅଙ୍ଗକୁ ଦାନ କରିବା ପାଇଁ ରହିଛି ଇଚ୍ଛାଶକ୍ତି। ଚକ୍ଷୁଦାନ ଲାଗି ସ୍ୱିକୃତୀ ଦେଇ ସାରିବା ପରେ ଏବେ କ୍ୟାନସର ପୀଡ଼ିତଙ୍କ ପାଇଁ ନିଜ କେଶକୁ ଦାନ କରି ଚର୍ଚ୍ଚାକୁ ଆସିଛନ୍ତି ଜଣେ କଲେଜ ଛାତ୍ରୀ। ମୃତ୍ୟୁ ପୂର୍ବରୁ ଅନ୍ୟର ଆବଶ୍ୟକତାକୁ ପୂରଣ କଲେ ଆନନ୍ଦ ମିଳିବ ବୋଲି ବାର୍ତ୍ତା ବାଣ୍ଟି ଉଦାହାରଣ ପାଲଟିଛନ୍ତି ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ତୁଳସୀଚଉରା ୱାର୍ଡ ନଂ.୨୩ ନାଥଗଳିରେ ରହୁଥିବା ଛାତ୍ରୀ ଶ୍ରୁତି ମାଇତି ।

ପିଲାଟି ଦିନରୁ ସେବା ମନୋବୃତ୍ତିରେ ଥିଲା ତାଙ୍କ ରୁଚି। ଖେଳକୁଦକୁ ଗୁରୁତ୍ୱ ନ ଦେଇ ଅନ୍ୟର ସେବା କରିବା ଥିଲା ତାଙ୍କର ନିଶା । ଏହି ନିଶା ତାଙ୍କ ପାଇଁ ଆଣିଦେଇଛି ସ୍ୱତନ୍ତ୍ର ପରିଚୟ । ବାପା ସୁଦୀପ୍ତ ମାଇତି ଓ ମାଆ ସ୍ୱପ୍ନାଙ୍କ ଏକମାତ୍ର ଅଲିଅଳି ଝିଅ ସେ । ପିଲାଟି ଦିନରୁ ଅଜା, ଆଈ, ମାମୁ ଓ ମାଇଁଙ୍କ ସ୍ନେହ ମମତା ପାଇ ବଡ଼ ହୋଇଛନ୍ତି । ତକତପୁର ଅଟୋନମସ କଲେଜରେ +୩ କଳା ଶେଷ ବର୍ଷ ହିନ୍ଦୀ ସମ୍ମାନ (ଅନର୍ସ) ରଖି ପଢୁଛନ୍ତି। +୨ ଶିକ୍ଷା ଗ୍ରହଣ ସମୟରେ ଜାତୀୟ ସେବା ଯୋଜନାରେ ନିଜକୁ ନିୟୋଜିତ କରି



ନିଜ କେଶକୁ ଧରି ଠିଆ ହୋଇଥିବା ଶ୍ରୁତି।

ଆରମ୍ଭ କରିଥିଲେ ସ୍ୱେଚ୍ଛାକୃତ କାର୍ଯ୍ୟ । ରକ୍ତଦାନ ଶିବିରଠାରୁ ଆରମ୍ଭ କରି ପ୍ରତ୍ୟେକଟି ସେବାମୂଳକ କାର୍ଯ୍ୟକ୍ରମର ନେତୃତ୍ୱ ନେଇ ସଫଳତା ସାଉଁଟିଛନ୍ତି। ଜିଲା, ରାଜ୍ୟ ତଥା ଜାତୀୟସ୍ତରରେ ନିଜର କୃତିତ୍ୱ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ଶିମିଳାରେ ଅନୁଷ୍ଠିତ ସାହସିକ ଶିବିର, ଆସାମର ଆସନଶୋଲଠାରେ ହେଉଥିବା ଅନ୍ତର୍ଜାତୀୟ ସମନ୍ୱିତ ଶିବିର ଓ ଦିଲ୍ଲୀର ପ୍ରି-ରିପବ୍ଲିକ ଶିବିରରେ ଅଂଶ ଗ୍ରହଣ କରିଛନ୍ତି । ସେବା ମନୋବୃତ୍ତିରେ ନିଜକୁ ସାମିଲ କରିଥିବା ବେଳେ ନିଜ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ଦାନ କରି ଅନ୍ୟର ଆବଶ୍ୟକତାକୁ ପୂରଣ କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। କ୍ୟାନସର ପୀଡିତଙ୍କ କେଶ ଉପୁଡ଼ିବା ସମସ୍ୟାକୁ ଦୃଷ୍ଟିରେ ରଖି ସେ ନିଜର କେଶକୁ ଦାନ କରିବା ପାଇଁ ଲେଡିଜ ପାର୍ଲର ଓ ସ୍ୱାସ୍ଥ୍ୟ ବିଭାଗ ସହିତ ଯୋଗାଯୋଗ କରିଥିଲେ। କୌଣସି ପ୍ରକାର ଏକ ଠିକଣା ପାଇବା ପରେ ସେ ନିଜ ମୁଣ୍ଡକୁ ଲଣ୍ଡା କରି କେଶକୁ ସୁରକ୍ଷିତ ଭାବେ ସଜାଡ଼ି ପଠାଇବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ମାନବର ସୌନ୍ଦର୍ଯ୍ୟ ଚିରନ୍ତନ ନୁହେଁ କ୍ଷଣସ୍ଥାୟୀ, ମାତ୍ର କର୍ମ ହିଁ ଚିରସ୍ମରଣୀୟ । 'ମୋ ପାଇଁ ନୁହେଁ ବରଂ ଅନ୍ୟମାନଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିବା ହେଉଛି ତାଙ୍କର ସ୍ୱପ୍ନ। ସମସ୍ୟାକୁ ଚିହ୍ନଟ କରି ତାର ସମସ୍ୟାର ସମାଧାନ କରିବା ହେଉଛି ପ୍ରତ୍ୟକ ସ୍ୱେଚ୍ଛାସେବୀର କାର୍ଯ୍ୟ । ତାଙ୍କର ଏଭଳି ପ୍ରୟାସ ଅନ୍ୟମାନଙ୍କୁ ଉତ୍ସାହିତ କରିବା ସହିତ ସମାଜକୁ ଏକ ବାର୍ତ୍ତା ଦେବ ବୋଲି ସେ କହିଛନ୍ତି। ତେବେ ପାଠପଢ଼ି ସେ ପୋଲିସ ବିଭାଗରେ ଚାକିରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଚାକିରି ପାଇବା ପରେ ଅବହେଳିତ ଓ ନିଷ୍ପେସିତ ଲୋକମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ପାଇଁ ଆଶା ରଖିଥିବା କହିଛନ୍ତି।

# ଜେଲ ପରିସରରେ ବ୍ରାଉନ୍‌ସୁଗାର କାରବାର

ବାଲେଶ୍ୱର ଅଫିସ, ୧୪।୧୨

ବାଲେଶ୍ୱର ଜିଲା ମୁଖ୍ୟ କାରାଗାର ପୋଲିସ ବାରାକ୍‌ରେ ସଜା ଭୋଗି ସାରିଥିବା ଜଣେ ବାଂଲାଦେଶ ନାଗରିକଙ୍କଠାରୁ ୪୦.୫ ଗ୍ରାମ ବ୍ରାଉନ୍‌ସୁଗାର ସହ ନଗଦ ୨୪ହଜାର ୧୦ଟଙ୍କା ଜବତ କରାଯାଇଛି। ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ବାଂଲାଦେଶ ନାଗରିକ ମହମ୍ମଦ ବାବୁ ଖାନଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୩୪୧/୨୦୨୦) ରୁଜୁ କରାଯାଇ ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ଜେଲ ମୁଖ୍ୟ ଗେଟ୍ ସମ୍ମୁଖରେ ମହମ୍ମଦ ବାବୁ ବୁଲୁଥିବା ବେଳେ ପୋଲିସ ଖବରପାଇ ଯାଞ୍ଚ କରିଥିଲା। ତାଙ୍କ ନିକଟରୁ ଉପରୋକ୍ତ ସାମଗ୍ରୀ ଜବତ କରାଯାଇଥିଲା। ମହମ୍ମଦ ବାବୁ ପୂର୍ବରୁ ଜେଲରେ ଦଣ୍ଡ ଭୋଗି ସାରିଥିଲେ। ସେ ବାଂଲାଦେଶ ଯିବାକୁ ଉପଯୁକ୍ତ କାଗଜପତ୍ର ଦାଖଲ କରି ନ ପାରିବାରୁ ଜେଲ ବାହାରେ ବାରାକରେ ରହୁଥିଲେ। ଜେଲରୁ ମୁକୁଳିଥିଲେ ବି ବେଆଇନ କାର୍ଯ୍ୟରେ ଲିପ୍ତ ରହୁଥିଲେ। ୨୦୦୭ରୁ ବିଭିନ୍ନ ସ୍ଥାନରେ ୧୦ଟି ଡକାୟତି ମାମଲାରେ ମହମ୍ମଦ ବାବୁ ଜେଲ ଯାଇଥିଲେ। ଶେଷ ଦଣ୍ଡ

### ଗିରଫ ହେଲେ ଦଣ୍ଡ ଭୋଗି ସାରିଥିବା ଅପରାଧୀ



ମହମ୍ମଦ ବାବୁ ଖାନ।

ଚୌଦ୍ୱାର ଜେଲରୁ କାଟିବା ପରେ ତାଙ୍କୁ ବାଲେଶ୍ୱର ଜେଲକୁ ପଠାଯାଇଥିଲା। ସେ ବାଂଲାଦେଶର ନାଗରିକ ହୋଇଥିବାରୁ ମହାମାରୀ କରୋନା ପାଇଁ କାଗଜପତ୍ର ପ୍ରସ୍ତୁତ ପାଇଁ ଅସୁବିଧା ହେତୁ ଜେଲ ବାରାକ୍‌ରେ ପୋଲିସ ନଜର ରହୁଥିଲା। ଚଢ଼ାଉରେ ଡିଏସ୍‌ପି ମନୋଜ କୁମାର ରାଉତ, ସହଦେବଖୁଣ୍ଟା ଥାନାଧିକାରୀ କୃଷ୍ଣଚନ୍ଦ୍ର ପଲେଇ, ସବ୍‌ଇନ୍ସପେକ୍ଟର ବିରଞ୍ଚି ସାହୁ, ସବ୍‌ଇନ୍ସପେକ୍ଟର ନୀଳମଣି ନାୟକଙ୍କ ସହ ଥାନାର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ଧାରଣା ବେଳେ ପୋଲିସ-ଜନତା ମୁହାଁମୁହିଁ





ଖଇରା ଥାନା ସମ୍ମୁଖରେ ପୋଲିସ ଏବଂ ଜନତାଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଛି।

ଖଇରା, ୧୪।୧୨(ଡି.ଏନ.ଏ.)

### ନିଆଁରେ ପୋଡି ମହିଳାଙ୍କ ମୃତ୍ୟୁ ଘଟଣା

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଶାଳଗଡିଆରେ ଗ୍ରାମରେ ନିଆଁରେ ପୋଡି ଗୁରୁତର ହୋଇପଡିଥିବା ନନ୍ଦକିଶୋର ନାୟକଙ୍କ ସ୍ତ୍ରୀ ମୀନତି ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଅଭିଯୁକ୍ତମାନଙ୍କୁ ପୋଲିସ ସୁରକ୍ଷା ଦେଉଥିବା ଦର୍ଶାଇ ମୃତଦେହ ସହ ମୀନତିଙ୍କ ଭାଇ କାଳନ୍ଦୀ ଧାରଣା ଦେବା ଉଦ୍ଦେଶ୍ୟରେ ଖଇରା ଥାନାକୁ ଆସିଥିଲେ। ନିଜ ଘର କେନ୍ଦୁଝର ଜିଲା ଶୋଷ ଗ୍ରାମର କେତେଜଣ ଗ୍ରାମବାସୀ ମଧ୍ୟ ସାଥିରେ ଥିଲେ। ଗ୍ରାମବାସୀ ଆମ୍ବୁଲାନ୍ସରୁ ଶବ ବାହାର କରିବା ବେଳେ ଖଇରା ପୋଲିସ ସଦଳବଳେ ପହଞ୍ଚି ତାଙ୍କୁ ଏଥିରୁ ବିରତ କରାଇଥିଲେ। ଏହାକୁ ନେଇ କିଛି ସମୟ ଯୁକ୍ତିତର୍କ, ଠେଲାପେଲା ଚାଲିଥିଲା । ଖଇରା ଥାନା ଆଇଆଇସି ସୁବ୍ରତ କୁମାର ବେହେରା ଅଭିଯୁକ୍ତ ସ୍ୱାମୀଙ୍କୁ ସୋମବାର ସକାଳେ ଗିରଫ କରାଯାଇଥିବା କହିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଶ୍ୱଶୁର ଓ ଶାଶୁଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ମୀନତିଙ୍କ ୬ବର୍ଷର ପୁଅର ସୁରକ୍ଷା ମଧ ଦାବି କରିଥିଲେ। ଏ ସମ୍ପର୍କରେ ଆଇଆଇସି ବେହେରାଙ୍କୁ ପଚାରିବାରେ ଏକ ମାମଲା(ନଂ.୨୬୨/୨୦) ରୁଜୁ କରାଯାଇଛି । ସ୍ୱାମୀଙ୍କୁ ଗିରଫ କରାଯାଇଥିବା ବେଳେ ଶାଶୁ, ଶ୍ୱଶୁରଙ୍କ ବୟୋସାଧିକ୍ୟ ତଥା ଅସୁସ୍ଥ ଥିବାରୁ ସେମାନଙ୍କୁ ଛାଡି ଦିଆଯାଇଥିଲା ବୋଲି କହିଛନ୍ତି । ୨ତାରିଖରେ ମୀନତି କିରୋସିନ ଢାଳି ପୋଡି ହୋଇ ଗୁରୁତର ହେବା ପରେ ଭାଇ କାଳନ୍ଦୀ ଶ୍ୱଶୁର ଘର ଲୋକଙ୍କ ନାମରେ ହତ୍ୟା ଅଭିଯୋଗ ଆଣି ଖଇରା ଥାନାକୁ ଲିଖିତ ଭାବେ ଜଣାଇଥିଲେ। ମୀନତିଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଆଗରପଡା ପରେ ଭଦ୍ରକ ଓ କଟକ ସ୍ଥାନାନ୍ତର କରାଯାଇଥିଲା।

## ନିଖୋଜ ନାବାଳକଙ୍କ କ୍ଷତାକ୍ତ ମୃତଦେହ ଜବତ

ରାଇରଙ୍ଗପୁର, ୧୪।୧୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଧୀନ ବାସାଗୁଟୁ ଗ୍ରାମରୁ ୩ ଦିନ ତଳେ ନିଖୋଜ ଜଣେ ନାବାଳକଙ୍କ ମୃତଦେହକୁ ସୋମବାର ପୋଲିସ ଜବତ କରିଛି। ମୃତ ନାବାଳକଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା(ନଂ.୬୮/୨୦) ରୁଜୁ କରି ତଦନ୍ତ ଚଳାଇଛି। ମୃତ ନାବାଳକ ହେଲେ ଦେବେନ୍ଦ୍ର ହେମ୍ବ୍ରମଙ୍କ ପୁଅ ଦଶରଥ (୧୦)।

ସୂଚନା ଅନୁଯାୟୀ, ଶନିବାର ଛେଳି ଚରାଇବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କ ପତ୍ତା ପାଇ ନ ଥିଲେ। ସୋମବାର ତାଙ୍କର କ୍ଷତାକ୍ତ ମୃତଦେହ ଗାଁ ପାଖ ରାସ୍ତା କଡ଼ରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଥାନା ଅଧିକାରୀ ବିଜୟ କୁମାର ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ଏହି ଘଟଣାରେ ପୋଲିସ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

## ମେଟାଲ ବୋଝେଇ ଟ୍ରାକ୍ଟର ଜବତ

ବଡବିଲ, ୧୪।୧୨(ସ୍ୱ.ପ୍ର)

କେନ୍ଦୁଝର ଜିଲା ବଡବିଲ ବନାଞ୍ଚଳ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ମେଟାଲ ଖଣିରୁ ଖନନ କରି ଚୋରାଚାଲାଣ ହେଉଥିବାବେଳେ ବନ ବିଭାଗ ସୋମବାର ସକାଳେ ଚଢାଉ କରି ଏକ ମେଟାଲ ବୋଝେଇ ଟ୍ରାକ୍ଟର ଜବତ କରିଛି।

# ୨୨ରୁ କଂଗ୍ରେସର ଆନ୍ଦୋଳନ

### ସୀମା ସମସ୍ୟା ସମାଧାନ, ପାନକୁ କୃଷିର ମାନ୍ୟତା ଦାବି

ଭୋଗରାଇ, ୧୪।୧୨(ଡି.ଏନ.ଏ.)

ଦୀର୍ଘବର୍ଷ ଧରି ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସମସ୍ୟା ଲାଗିରହିଛି। ଦୁଇ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ଏହାର ସମାଧାନ ହୋଇପାରୁନାହିଁ। ଓଡ଼ିଶା ସୀମାନ୍ତକୁ ଲାଗିଥିବା ଗାଁକୁ ପଶ୍ଚିମବଙ୍ଗ କୌଶଳକ୍ରମେ ଧସେଇ ପଶି ନିଜର ଅଞ୍ଚଳ ଦାବି କରୁଛି। ସୀମାନ୍ତବାସୀ ଏହାର ପ୍ରତିରୋଧ କଲେ ପ୍ରଶାସନ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଉନାହିଁ। ଦୁଇରାଜ୍ୟର ଉଚ୍ଚସ୍ତରୀୟ ସଚିବ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ପାଇଁ ଦାବି ହେଉଥିଲେ ମଧ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ସୀମାନ୍ତରେ ଉତ୍ତେଜନା ଲାଗିରହିଛି। ସାଧାରଣ ଲୋକେ ହୀନସ୍ତା ହେଉଥିବା କଂଗ୍ରେସ ଭୋଗରାଇ ଶାଖା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଭୋଗରାଇ କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ନେତାମାନେ ରାଜ୍ୟ ସରକାରଙ୍କୁ ଦାୟୀ କରିଥିବା ବେଳେ ପାନ, ଖଡ଼ି ଓ ଇକଡ଼ ଚାଷକୁ କୃଷିର ମାନ୍ୟତା ଦେବା ଲାଗି ଦାବି କରିଛନ୍ତି। ଆସନ୍ତା ୨୨ତାରିଖରେ ଭୋଗରାଇ ତହସିଲ ସମ୍ମୁଖରେ ଦଳ ପକ୍ଷରୁ ଧାରଣା ଦିଆଯିବାକୁ ଘୋଷଣା କରାଯାଇଛି। ସରକାର ଅବିଳମ୍ବେ ନାର୍ଯ୍ୟ ଦାବି ନ ମାନିଲେ କଂଗ୍ରେସ ପକ୍ଷରୁ ବୃହତ୍ତର ଗଣଆନ୍ଦୋଳନ କରାଯିବ ବୋଲି ସରକାରଙ୍କୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ସତ୍ୟଶିବ ଦାସ, ଆଶିଷ କୁମାର ପାତ୍ର, ସନ୍ତୋଷ କୁମାର ଜେନା, ଦୀପେଶ ଚନ୍ଦ୍ର ରାୟ, ଗୋପବନ୍ଧୁ ମହାପାତ୍ର ସହିତ ମହିଳା କଂଗ୍ରେସ, ଯୁବ କଂଗ୍ରେସର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

# ଉତ୍କଳ ଯାଦବ ମହାସଭାର ସମ୍ମିଳନୀ

ବାହାନଗା, ୧୪।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରସ୍ଥିତ ସତ୍ୟଭାମା କଲ୍ୟାଣମଣ୍ଡପ ପରିସରରେ ବାଲେଶ୍ୱର ଜିଲା ଯାଦବ ମହାସଭା ପକ୍ଷରୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଜିଲା ଯାଦବ ମହାସଭା ଆବାହକ ଅଶ୍ୱନୀ କୁମାର ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ୨୪ଟି ପଞ୍ଚାୟତରୁ ଯାଦବମାନେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ତହସିଲଦାର ବିଷ୍ଣୁମୋହନ ଭଞ୍ଜ ସଭାପତିତ୍ୱ କରିଥିଲେ। ନୂତନ ସଭାପତି ମାଧବାନନ୍ଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ଯାଦବ ମହାସଭା ରାଜ୍ୟ ଯୁବ ସମ୍ପାଦକ ଅମର ନାୟକ ଯୋଗଦେଇ ସମୟ ଆସିଛି ସମସ୍ତ ଯାଦବ ଭଉଣୀଭାଇମାନେ ସଙ୍ଗଠିତ ହେଲେ ଆମେ ଆମର ହକ୍ ପାଇପାରିବୁ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ଯାଦବ ମହାସଭାର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ ବେହେରା, ସମ୍ମାନିତ ଅତିଥି ଭାବେ ରବିନ୍ଦ୍ର ମହାକୁଡ, ସୁଶୋଭନ ବାରିକ୍, କାର୍ତ୍ତିକ ବେହେରା, ମନୋଜ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚିତ୍ତଳ ସରପଞ୍ଚ ଗୀତାଞ୍ଜଳି ବାରିକ, ପଞ୍ଚସଖା ଯାତ୍ରାଏକାଡେମୀ ସମ୍ପାଦକ ଅନିରୁଦ୍ଧ ବାରିକ ଦାଶରଥି ମୁଦୁଲି, ତ୍ରିଲୋଚନ ଦାସ, ଶଶୀକାନ୍ତ ବେହେରା, ପ୍ରଦୀପ ବେହେରା, ଖନ୍ତାପଡାର ରମାକାନ୍ତ ବାରିକ, ଗଜେନ୍ଦ୍ର ବାରିକ, ବିଷ୍ଣୁମୋହନ ଭଞ୍ଜ ପ୍ରମୁଖ ୯ ଜଣଙ୍କୁ ସମ୍ମାନିତ କରାଯାଇଥିଲା । ପରେ ବାହାନଗା ବ୍ଲକ ଉତ୍କଳ ଯାଦବ ମହାସଭାର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ନୂତନ ସଭାପତି ଭାବେ ମାଧବାନନ୍ଦ ଦାସ, କାର୍ଯ୍ୟକାରୀ ସଭାପତି ଅନିରୁଦ୍ଧ ବାରିକ, ସାଧାରଣ ସମ୍ପାଦକ ରମେଶ ବେହେରା, କୋଷାଧକ୍ଷ ଦାମୋଦର ଖିଲାର, ସହ ସମ୍ପାଦକ ଲକ୍ଷ୍ମୀକାନ୍ତ ମହନ୍ତ, ସହସଭାପତି ମହେଶ୍ୱର ଲେଙ୍କା, ଯୁବ ସଭାପତି ମହେନ୍ଦ୍ର ମହାକୁଡ, ଯୁବ ସମ୍ପାଦକ ଶ୍ୟାମସୁନ୍ଦର ବାରିକ୍, ମହିଳା ସଭାପତି ଗୀତାଞ୍ଜଳି ବାରିକ, ମହିଳା ସମ୍ପାଦକ ମଞ୍ଜୁଲତା ମହାକୁଡ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଛି। ଦାମୋଦର ଖିଲାର ଧନ୍ୟବାଦ ଦେଇଥିଲେ।

# ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ: ଖଡ଼ଗପୁର ୧୧ ବିଜୟୀ

ସୋର, ୧୪।୧୨(ଡି.ଏନ.ଏ.)

ସୋର ବ୍ଲକ ମହୁମୁହାଣ ବାବାମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ଗୁଠୁଣା ମୁନିପଡ଼ିଆଠାରେ ଅନୁଷ୍ଠିତ ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ବିଡିସିଏସଏ ବାଲେଶ୍ୱରକୁ ହରାଇ ଖଡ଼ଗପୁର ୧୧ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ବିଡିସିଏସଏ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଖଡ଼ଗପୁର ୧୧ ନିର୍ଦ୍ଧାରିତ ୨୪.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ବିଡିସିଏସଏ ୨୩.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୩ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲେ। ଏହି ଖେଳକୁ ବିସିଏ ଅମ୍ପାୟର ପ୍ରତାପ ଚନ୍ଦ୍ର ପାତ୍ର ଓ ଶାନ୍ତନୁ ଦାସ ପରିଚାଳନା କରିଥିଲେ। ସ୍କୋରର ଭାବେ ଗୋପୀନାଥ ପ୍ରଧାନ, ବାସ୍ତବ ଜେନା, ଶ୍ରୀକାନ୍ତ ସାହୁ ଓ ଭାଷ୍ୟକାର ଭାବେ ବିଜୟ ଜେନା କାର୍ଯ୍ୟ ତୁଲାଇଥିଲେ। ଏହାକୁ ବାବା ମୁକ୍ତେଶ୍ୱର କ୍ଲବର ସଭାପତି ଭ୍ରମରବର ନାୟକ, ଯଦୁନାଥ ନାୟକ ଏବଂ କୈଳାସ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ଏହି ଖେଳରେ କୈଳାସ ପ୍ରଧାନ, ରୋମୀୟ ନାୟକ, ଶ୍ରୀକାନ୍ତ ସାହୁ, ରାଜେଶ ନାୟକ, ବିଶ୍ୱରଂଜନ ପ୍ରଧାନ, ସୁଶାନ୍ତ ସାହୁ, ଯୋଗେନ୍ଦ୍ର ମହାନ୍ତି, ଗୌରାଙ୍ଗ ବେହେରା, ରାଜେଶ କୁମାର ଜେନା ସହାୟତା କରିଥିଲେ। ମଙ୍ଗଳବାର ଦ୍ୱିତୀୟ ସେମିରେ ଡିଆର୍‌କେ ବାରିପଦା ଓ ଖଡ଼ଗପୁର-୧୧ ମଧ୍ୟରେ ମୁକାବିଲା ହେବ।

# କୃଷକ ସଙ୍ଗଠନର ପ୍ରତିବାଦ ସଭା

ଭଦ୍ରକ ଅଫିସ, ୧୪।୧୨

କେନ୍ଦ୍ର ସରକାରଙ୍କ ୩ କୃଷି ବିଲ୍ ଓ ୨୦୨୦ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର ଦାବିରେ ସୋମବାର ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଡାକରାରେ ଓଡ଼ିଶା କୃଷକ ସଭା, ଓଡ଼ିଶା କୃଷକ ସଂଘ, ନବନିର୍ମାଣ କୃଷକ ସଙ୍ଗଠନ, ଉତ୍କଳ କୃଷକ ସଭା, କ୍ଷେତ ମୂଲିଆ ୟୁନିୟନ ଓ ବିଭିନ୍ନ ଶ୍ରମିକ ସଙ୍ଗଠନ ସାମିଲ ହୋଇଥିଲେ। ଦେଶରେ ଲାଗୁ କରାଯାଇଥିବା ଏହି ଆଇନକୁ ଦେଶବ୍ୟାପୀ ଚାଷୀ ବିରୋଧ କରୁଥିବାରୁ କେନ୍ଦ୍ର ସରକାର ତୁରନ୍ତ ପ୍ରତ୍ୟାହାର କରି ନେବାକୁ ସେମାନେ ଦାବି କରିଥିଲେ। ଭଦ୍ରକ ଜିଲାର କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଶୋଭାଯାତ୍ରାରେ କୃଷକନେତା ଚନ୍ଦ୍ରଶେଖର ନାୟକ, ଦିବ୍ୟସିଂହ ନାୟକ, ପ୍ରଭାସ ମହାପାତ୍ର, ଅଭିରାମ ବଳ, ସଂଗ୍ରାମ ବଳ, ଦାମୋଦର ସେନାପତି, ପର୍ଶୁରାମ ଲେଙ୍କା, ରାମଚନ୍ଦ୍ର ଶଙ୍ଖୁଆ, ସମର ବଳ, ବିକାଶ ନାଥ ପ୍ରମୁଖ ସହର ପରିକ୍ରମା କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଡାକବଙ୍ଗଳା ସାମ୍ନାରେ ପ୍ରାୟ ୩ ଶହରୁ ଅଧିକ ଚାଷୀ ଧାରଣାରେ ବସିଥିଲେ। ଶେଷରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ମାଧମରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ଚାଷୀଙ୍କୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପରାମର୍ଶ

ଖଇରା,୧୪।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା, ଅନ୍ତରା, ବର୍ତ୍ତନା ଓ ମିର୍ଜାପୁର ସମବାୟ ସମିତିରେ ସୋମବାର ଧାନକିଣା ଆରମ୍ଭ ହୋଇଛି। ବିଶିଷ୍ଟ ଚାଷୀ ଅର୍ଜୁନ ଲେଙ୍କାଙ୍କ ଦ୍ୱାରା ମିର୍ଜାପୁର ସମିତିର ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଅନ୍ୟ ୩ଟି କେନ୍ଦ୍ରକୁ ପର୍ଯ୍ୟଟନ ସଂସ୍କୃତିମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି । ବର୍ତ୍ତନା ସମିତି କାର୍ଯ୍ୟାଳୟରେ ମନ୍ତ୍ରୀଙ୍କ ସମେତ ସରପଞ୍ଚ ସୁଶାନ୍ତ କୁମାର ମିଶ୍ର, ସମିତିସଭ୍ୟ ରଘୁନାଥ ପଣ୍ଡା, ଯୁବ ବିଜେଡି ସଭାପତି ମୁକ୍ତିକାନ୍ତ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଅକ୍ଷୟ ରାଉତଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଚାଷୀମାନେ ବ୍ୟସ୍ତ ନ ହୋଇ ସ୍ୱଳ୍ପ ମୂଲ୍ୟରେ ବ୍ୟବସାୟୀଙ୍କୁ ଧାନ ନ ବିକି ଧୈର୍ଯ୍ୟର ସହ ଅପେକ୍ଷା କରି ନିର୍ଦ୍ଦିଷ୍ଟ ତାରିଖରେ ସରକାରୀ କ୍ରୟ କେନ୍ଦ୍ରରେ ନିର୍ଦ୍ଧାରିତ ମୂଲ୍ୟରେ ଧାନ ବିକିବାକୁ ପରାମର୍ଶ ଦେଇଥିଲେ। ଡୁଙ୍ଗୁରା



ବର୍ତ୍ତନା ସମିତିରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

### ୪ ସମିତିରେ ଧାନକିଣା ଆରମ୍ଭ

ସମିତି କାର୍ଯ୍ୟାଳୟ ପରିସରରେ ଧାନକିଣା ସମୟରେ ମନ୍ତ୍ରୀଙ୍କ ସହ ସମ୍ପାଦକ ରାଜେଶ ପାତ୍ର, ଝିଙ୍କିରିଆ ସରପଞ୍ଚ ମଧୁସୂଦନ ମାଝି, ଡୁଙ୍ଗୁରା ସମିତିସଭ୍ୟ ପ୍ରକାଶ କୁମାର ଲେଙ୍କା, ଚାଷୀ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଅନ୍ତରା ସମିତିରେ ଉପସ୍ଥିତ ଥିଲେ । ସେହିଭଳି ଅନ୍ତରା ସମିତିରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ପାଦକ ବିକାଶ କୁମାର ନାୟକଙ୍କ ବ୍ୟତୀତ ରପେୟା ସରପଞ୍ଚ ଅଜୟ ସାମଲ, ଜିଲା ପରିଷଦ ସଭ୍ୟ ସୁଷମା ମହାପାତ୍ର, କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଖଇରା ଶାଖା ପରିଚାଳକ ନିଶିକାନ୍ତ ମଣ୍ଡଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଚାଷୀ ଭାବେ ଗୟାଧର ଜେନାଙ୍କଠାରୁ ୨୪ କୁଇଣ୍ଟାଲ ଧାନ କିଣାଯାଇଥିଲା ।

### ବର୍ତ୍ତନାରେ ଚାଷୀ ଅସନ୍ତୋଷ

ବର୍ତ୍ତନାରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ ୮ରୁ ଊର୍ଦ୍ଧ୍ୱ ଚାଷୀ ଅନଲାଇନ ପଞ୍ଜିକରଣର ତ୍ରୁଟିଥିବା ନେଇ ଅଭିଯୋଗ କରିଥିଲେ। ଚାଷଜମିକୁ ବୋରୱେଲ ଓ ଉଠା ଜଳସେଚନ ସୁବିଧା ଥିବା ଦର୍ଶାଇ ଅନାବଶ୍ୟକ ଭାବେ ଚାଷଜମି ପରିମାଣକୁ କମ୍ କରାଯାଇଥିବା ନେଇ ଚାଷୀ ପରମାନନ୍ଦ ସାହୁ, ଜଗବନ୍ଧୁ ରାଉତ, ପୁରୁଷୋତ୍ତମ ସାହୁ, କୈଳାସ ବେହେରା, ପଞ୍ଚାନନ ସାହୁ, ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ମନ୍ତ୍ରୀ ପାଣିଗ୍ରାହୀଙ୍କୁ ଜଣାଇଥିଲେ । ମନ୍ତ୍ରୀ ପାଣିଗ୍ରାହୀ ତୁରନ୍ତ ଜିଲା ଅଧିକାରୀଙ୍କୁ ଫୋନ ଲଗାଇ ପୂର୍ବରୁ ଦିଆଯାଇଥିବା ସମାନ ଅଭିଯୋଗ ପ୍ରସଙ୍ଗ ଉଠାଇ ସବୁ ତ୍ରୁଟିକୁ ତୁରନ୍ତ ସୁଧାରିବାକୁ ଜିଲା ଉପନିବନ୍ଧକ ଓ ଯୋଗାଣ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

